# NATIONAL NEWS BULLETIN (ODIA)

## 02nd March - 2025

## Morning Bulletin : 7.15 a.m.

**********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ମଳୟ ରଞ୍ଜନ ମିଶ୍ର**

## ମୁଖ୍ୟ ସମ୍ବାଦ

- ସୁଫ● ଗୁଜରାଟରେ ବିଭିନ୍ନ କାର୍ଯ୍ୟକ୍ରମରେ ଆଜି ଯୋଗଦେବେ ପ୍ରଧାନମନ୍ତ୍ରୀ ।

- ସମଗ୍ର ଦେଶରେ ଆଜିଠାରୁ ଆରମ୍ଭ ହୋଇଛି ପବିତ୍ର ରମ୍‌ଜାନ ମାସ ।

- ୟୁକ୍ରେନ୍‌ପାଇଁ ୨ ଦଶମିକ ୮ ବିଲିୟନ୍ ଆମେରିକୀୟ ଡଲାର ଋଣ ସହାୟତା ଘୋଷଣା କଲା ବ୍ରିଟେନ୍ ।

- ବଲିଭିଆରେ ଏକ ସଡ଼କ ଦୁର୍ଘଟଣାରେ ୩୭ ଜଣଙ୍କର ମୃତ୍ୟୁ ।

ଏବଂ

- ଆଇ.ସି.ସି. ଚାମ୍ପିୟନ୍ସ ଟ୍ରଫି କ୍ରିକେଟ୍ ପ୍ରତିଯୋଗିତାରେ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ଆଜି ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ହେବ ମୁକାବିଲା ।

## ପି.ଏମ୍. - ଗୁଜରାଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତିନିଦିନିଆ ଗୁଜରାଟ ଗସ୍ତରେ ଯାଇ ଗତ ସନ୍ଧ୍ୟାରେ ଜାମନଗରରେ ପହଞ୍ଚିଛନ୍ତି । ଏହି ଗସ୍ତ ଅବସରରେ ଶ୍ରୀ ମୋଦି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ । ଜାମନଗର ବିମାନ ବନ୍ଦରରୁ ସର୍କିଟ୍ ହାଉସ୍ ଯିବା ପଥରେ ପ୍ରଧାନମନ୍ତ୍ରୀଙ୍କୁ ବହୁ ସଂଖ୍ୟାରେ ଲୋକ ରାସ୍ତାକଡ଼ରେ ଛିଡ଼ାହୋଇ ଶୁଭେଚ୍ଛା ଜଣାଇଥିଲେ । ଶ୍ରୀ ମୋଦି ଆଜି ଭନ୍ତାରାସ୍ଥିତ ପ୍ରାଣୀ ଉଦ୍ଧାର ଓ ଥଇଥାନ କେନ୍ଦ୍ର ପରିଦର୍ଶନ କରିବା ସହ ଶାସନ ଗିର୍ ଜାତୀୟ ଉଦ୍ୟାନ ପରିଦର୍ଶନରେ ଯିବେ । ଜାତୀୟ ବନ୍ୟପ୍ରାଣୀ ବୋର୍ଡ଼ର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଭାବେ ପ୍ରଧାନମନ୍ତ୍ରୀ ବୋର୍ଡ଼ର ବୈଠକରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ଶ୍ରୀ ମୋଦି ସୋମନାଥ ମନ୍ଦିରରେ ପୂଜାର୍ଚ୍ଚନା କରିବା ସହିତ ମନ୍ଦିର ଟ୍ରଷ୍ଟର ଏକ ବୈଠକରେ ଯୋଗଦେବେ । ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ଏହି ଟ୍ରଷ୍ଟର ଅଧ୍ୟକ୍ଷ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି ।

## ଭି.ପି. - କେରଳ

ଉପରାଷ୍ଟ୍ରପତି ଜଗଦୀପ ଧନଖଡ୍ ଆଜି ଦିନିକିଆ କେରଳ ଗସ୍ତରେ ଯିବେ । ଏହି ଗସ୍ତ ଅବସରରେ ଶ୍ରୀ ଧନଖଡ଼ ତିରୁବନନ୍ତପୁରମ୍ଠାରେ

ଭାରତୀୟ ବିଚାରକେନ୍ଦ୍ରମ୍ ପକ୍ଷରୁ ଆୟୋଜିତ ପି. ପରମେଶ୍ୱରନ୍ ସ୍ମାରକୀ ବକ୍ତୃତା ପ୍ରଦାନ କରିବାର କାର୍ଯ୍ୟସୂଚୀ ରହିଛି ।

## ରମଜାନ

ସମଗ୍ର ଦେଶରେ ଆଜିଠାରୁ ପବିତ୍ର ରମଜାନ ମାସ ଆରମ୍ଭ ହୋଇଛି । ଗତ ଶୁକ୍ରବାର ଦିନ ଚନ୍ଦ୍ର ଦୃଶ୍ୟମାନ ହୋଇ ନ ଥିବାରୁ ମୁସଲମାନ ଭାଇଭଉଣୀମାନେ ଆଜିଠାରୁ ରମ୍‌ଜାନ ପାଳନ ଆରମ୍ଭ କରିଛନ୍ତି । ଉପବାସ ମାସର ଆଜି ହେଉଛି ପ୍ରଥମ ଦିନ । ଏହି ମାସରେ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ମୁସଲମାନ ସମ୍ପ୍ରଦାୟଙ୍କ ପକ୍ଷରୁ 'ତ୍ରଓ୍ୱି' ପ୍ରାର୍ଥନା ଅନୁଷ୍ଠିତ ହେବ । ଇଦ୍-ଉଲ୍-ଫିତର୍ ପର୍ବ ପାଳନ ଅବସରରେ ରମ୍‌ଜାନ ମାସ ଶେଷ ହେବ । ଉପସାଗରୀୟ ଦେଶଗୁଡ଼ିକରେ ଗତକାଲିଠାରୁ ରମ୍‌ଜାନ ମାସ ଆରମ୍ଭ ହୋଇଛି ।

## କୋଲ୍ ପ୍ରଡକ୍ସନ୍

ଦେଶରେ ସାମଗ୍ରିକ କୋଇଲା ଉତ୍ତୋଳନ ଗତ ଏପ୍ରିଲ୍‌ରୁ ଫେବୃୟାରୀ ମାସ ମଧ୍ୟରେ ୯୨୮ ଦଶମିକ ୯/୫ ଟନ୍ ହୋଇଛି । ଏ କ୍ଷେତ୍ରରେ ୫ ଦଶମିକ ୭/୫ ପ୍ରତିଶତ ବୃଦ୍ଧି ଘଟିଛି । କୋଇଲା ମନ୍ତ୍ରଣାଳୟ ଦେଇଥିବା

ସୂଚନା ଅନୁଯାୟୀ, ଦେଶର କୋଇଲା କ୍ଷେତ୍ର ସୁଦୃଢ଼ ହୋଇଛି ଏବଂ ଏହି କ୍ଷେତ୍ରରେ ନିରନ୍ତର ବିକାଶ ପରିଲକ୍ଷିତ ହୋଇଛି । ସାମଗ୍ରିକ କୋଇଲା ରପ୍ତାନୀ ମଧ୍ୟ ଗତବର୍ଷ ତୁଳନାରେ ୫ ଦଶମିକ ୫ ପ୍ରତିଶତ ବୃଦ୍ଧିପାଇ ୯ ୨ ୯ ଦଶମିକ ୪/ ୧ ଟନ୍‌ରେ ପହଞ୍ଚିଛି ବୋଲି ମନ୍ତ୍ରଣାଳୟ ସୂଚନା ଦେଇଛି ।

## ଜେଲେନେସ୍କି - ଷ୍ଟାର୍ମର୍

ୟୁକ୍ରେନ୍ ରାଷ୍ଟ୍ରପତି ଭୋଲ୍‌ଦିମିର ଜେଲେନେସ୍କି ଗତକାଲି ଲଣ୍ଡନଠାରେ ବ୍ରିଟେନ୍ ପ୍ରଧାନମନ୍ତ୍ରୀ କିର ଷ୍ଟାର୍ମର୍‌ଙ୍କ ସହ ସାକ୍ଷାତ୍ ଆଲୋଚନା କରିଛନ୍ତି । ବ୍ରିଟେନ୍ ୨ ଦଶମିକ ୮ ବିଲିୟନ୍ ଆମେରିକୀୟ ଡଲାର ୟୁକେନ୍‌କୁ ଋଣ ଆକାରରେ ପ୍ରଦାନ ପାଇଁ ସମ୍ମତ ହୋଇଛି । ରାଷ୍ଟ୍ରପତି ଜେଲେନେସ୍କି କହିଛନ୍ତି, ଏହି ଋଣ ସହାୟତା ୟୁକ୍ରେନ୍‌ର ପ୍ରତିରକ୍ଷା କ୍ଷମତାକୁ ବୃଦ୍ଧି କରିବ । ୟୁକ୍ରେନ୍-ରୁଷ୍ ସଂଘର୍ଷରେ ବ୍ରିଟେନ୍ ୟୁକ୍ରେନ୍ ପ୍ରତି ଥିବା ସମର୍ଥନକୁ ଦୋହରାଇଛି । ଆଲୋଚନା ସମୟରେ ପ୍ରଧାନମନ୍ତ୍ରୀ ଷ୍ଟାର୍ମର୍ ୟୁକ୍ରେନ୍ ପ୍ରତି ବ୍ରିଟେନ୍‌ର ଅତୁଟ ସମର୍ଥନ ରହିଛି ବୋଲି କହିଥିଲେ । ୟୁକ୍ରେନ୍ ପାଇଁ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ଦିଗରେ ବ୍ରିଟେନ୍ ସଙ୍କଳ୍ପବଦ୍ଧ ବୋଲି ପ୍ରଧାନମନ୍ତ୍ରୀ ଷ୍ଟାର୍ମର୍ କହିଛନ୍ତି । ଏହାରେ ପ୍ରତ୍ୟୁତ୍ତରରେ ରାଷ୍ଟ୍ରପତି ଜେଲେନେସ୍କି କୃତଜ୍ଞତା ଜ୍ଞାପନ କରିଛନ୍ତି । ରାଷ୍ଟ୍ରପତି ଜେଲେନେସ୍କି ଆଜି ରାଜା ତୃତୀୟ ଚାର୍ଲସ୍ ଏବଂ

ୟୁରୋପୀୟ ସହଯୋଗୀଙ୍କ ଏକ ଗୋଷ୍ଠୀ ସହ ସାକ୍ଷାତ୍ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋଡ଼ି ଏବଂ ଅନ୍ୟ ନେତୃବୃନ୍ଦ ୟୁକ୍ରେନ ରାଷ୍ଟ୍ରପତିଙ୍କ ସହ ସାକ୍ଷାତ୍ ଆଲୋଚନା କରିବେ । ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଷ୍ଟାର୍ମର୍ ଆଜି ୟୁରୋପୀୟ ସଂଘର ଶିଖର ସମ୍ମିଳନୀପାଇଁ ସଦସ୍ୟ ରାଷ୍ଟ୍ର ନେତୃବୃନ୍ଦଙ୍କୁ ଲଣ୍ଡନକୁ ନିମନ୍ତ୍ରଣ କରିଛନ୍ତି । ଫ୍ରାନ୍ସ, ଜର୍ମାନୀ, ଡେନ୍‌ମାର୍କ, ନେଦରଲାଣ୍ଡ, ନରୱେ, ପୋଲାଣ୍ଡ, ସ୍ପେନ୍, ତୁର୍କୀ, ଫିନ୍‌ଲାଣ୍ଡ, ସ୍ୱିଡେନ୍, ଚେକ୍ ସାଧାରଣତନ୍ତ୍ର ଏବଂ ରୋମାନିଆର ନେତୃବୃନ୍ଦଙ୍କ ସମେତ ୟୁରୋପୀୟ ପରିଷଦ, ୟୁରୋପୀୟ ଆୟୋଗ ଏବଂ ନାଟୋ ମହାସଚିବଙ୍କୁ ଏହି ସମ୍ମିଳନୀରେ ଶ୍ରୀ ଷ୍ଟର୍ମର୍ ଆମନ୍ତ୍ରଣ କରିଛନ୍ତି । ସୂଚନାଯୋଗ୍ୟ, ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ୍ ଟ୍ରମ୍ପଙ୍କ ସହ ମତଭେଦର ଗୋଟିଏ ଦିନ ପରେ ଶ୍ରୀ ଜେଲେନେସ୍କି ଏବଂ ବ୍ରିଟେନ୍ ପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ ଆଲୋଚନା ବୈଠକ ହୋଇଛି ।

## ବଲିଭିଆ - ଆକ୍ସିଡେଣ୍ଟ

ବଲିଭିୟାରେ ଗତକାଲି ଏକ ସଡ଼କ ଦୁର୍ଘଟଣାରେ ଦୁଇ ଜଣ ଶିଶୁଙ୍କ ସମେତ ୩୭ ଜଣ ଯାତ୍ରୀଙ୍କର ମୃତ୍ୟୁ ଘଟିଛି । ମିଳିଥିବା ସୂଚନା ଅନୁଯାୟୀ, ଦୁଇଟି ଯାତ୍ରୀବାହୀ ବସ୍ ଏକ ଅଣଓସାରିଆ ଦୁଇପଥ ବିଶିଷ୍ଟ ରାସ୍ତାରେ

ଯାଉଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା । ଗୋଟିଏ ବସ୍ ଲାଟିନ୍ ଆମେରିକାର ଅରୁରୋଠାରେ ଅନୁଷ୍ଠିତ ହେଉଥିବା ବୃହତ୍ ଅରୁରୋ ମେଳାକୁ ଯାଉଥିବାବେଳେ ଅନ୍ୟ ବସ୍‌ଟି ବିପରୀତ ଦିଗରୁ ଆସୁଥିବା ସ୍ଥାନୀୟ ପୁଲିସ୍ ସୂଚନା ଦେଇଛି ।

ବଲିଭିଆର ଏହି ପାର୍ବତୀୟ ରାସ୍ତା ବର୍ଷସାରା ଦୁର୍ଘଟଣାପ୍ରବଣ ଅଞ୍ଚଳ ଭାବେ ଚିହ୍ନଟ ହୋଇଛି । ପ୍ରତିବର୍ଷ ଏହି ରାଜପଥରେ ପ୍ରାୟ ୧ ହଜାର ୪ ଶହ ଜଣ ବ୍ୟକ୍ତି ମୃତାହତ ହେଉଥିବା ସରକାରୀ ସୂତ୍ରରୁ ଜଣାଯାଇଛି ।

## ଗାଜା - ସିଜ୍‌ଫାୟାର୍

ଇସ୍ରାଏଲ୍ ଓ ହମାସ୍ ମଧ୍ୟରେ ଅସ୍ତ୍ରବିରତିର ପ୍ରଥମ ପର୍ଯ୍ୟାୟ ଗତକାଲି ଶେଷ ହୋଇଛି । ଅସ୍ତ୍ରବିରତି ସମୟସୀମା ବୃଦ୍ଧି ନେଇ ଇସ୍ରାଏଲ୍ ପ୍ରସ୍ତାବକୁ ହମାସ୍ ପ୍ରତ୍ୟାଖ୍ୟାନ କରିଛି । ଦ୍ୱିତୀୟ ପର୍ଯ୍ୟାୟ ଅସ୍ତ୍ରବିରତି ପାଇଁ କୌଣସି ଆଲୋଚନା ହୋଇ ନାହିଁ ବୋଲି ହମାସ୍ କହିଛି । ଅସ୍ତ୍ରବିରତି ଆଲୋଚନାପାଇଁ ଇଜିପ୍ଟ ଗସ୍ତରେ ଥିବା ଇସ୍ରାଏଲ୍‌ର ପ୍ରତିନିଧି ଦଳ କାଏରୋରୁ ପ୍ରତ୍ୟାବର୍ତ୍ତନ କରିଛନ୍ତି । ପ୍ରଥମ ପର୍ଯ୍ୟାୟ ଅସ୍ତ୍ରବିରତି ଗତ ଜାନୁୟାରୀ ୧୯ ତାରିଖରେ ଆରମ୍ଭ ହୋଇଥିଲା । ଇସ୍ରାଏଲ୍ ପକ୍ଷରୁ ୧ ହଜାର ୯ ଶହ ପାଲେଷ୍ଟାଇନ୍ ବନ୍ଦୀଙ୍କ ବଦଳରେ ହମାସ ୩୩ ଜଣ ଇସ୍ରାଏଲ୍

ପଣବନ୍ଦୀଙ୍କୁ ଏହି ସମୟସୀମା ମଧ୍ୟରେ ମୁକ୍ତ କରିଛି । ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ୍ କାଜ୍ ଦେଇଥିବା ସୂଚନା ଅନୁଯାୟୀ ଦ୍ୱିତୀୟ ପର୍ଯ୍ୟାୟ ଅସ୍ତ୍ରବିରତି ପରିବର୍ତ୍ତେ ପ୍ରଥମ ପର୍ଯ୍ୟାୟ ସମୟସୀମା ବୃଦ୍ଧି କରି ଅଧିକ ପଣବନ୍ଦୀଙ୍କୁ ମୁକ୍ତ କରିବାକୁ ଇସ୍ରାଏଲ୍ ଲକ୍ଷ୍ୟ ରଖିଛି । ୨୦୨୩ ଅକ୍ଟୋବରରେ ହମାସ୍‌ର ଆତଙ୍କବାଦୀ ଆକ୍ରମଣ ସମୟରେ ପଣବନ୍ଦୀ ରହିଥିବା ୨୫୧ ଜଣଙ୍କ ମଧ୍ୟରୁ ଏବେ ମଧ୍ୟ ୫୮ ଜଣ ଗାଜାରେ ରହିଥିବା ଜଣାପଡ଼ିଛି । ଆମେରିକା, କତାର ଏବଂ ଇଜିପ୍ଟର ମଧ୍ୟସ୍ଥି ବିନା ପ୍ରଥମ ପର୍ଯ୍ୟାୟ ଅସ୍ତ୍ରବିରତି ଅବଧି ବୃଦ୍ଧି ସମ୍ଭବ ନୁହେଁ ବୋଲି ହମାସ କହିଛି ।

## ଜି.ଏସ୍.ଟି.

ଦେଶର ମୋଟ ସାମଗ୍ରୀ ଓ ସେବା ଟିକସ - ଜି.ଏସ୍.ଟି. ଆଦାୟ ଫେବୃଆରୀରେ ୯ ଦଶମିକ ୧ ପ୍ରତିଶତ ବୃଦ୍ଧି ପାଇ ୧ ଲକ୍ଷ ୮୪ ହଜାର କୋଟି ଟଙ୍କାରେ ପହଞ୍ଚିଛି । କ୍ରମାଗତ ଦ୍ୱାଦଶ ମାସ ଫେବୃୟାରୀରେ ୧ ଲକ୍ଷ ୭୦ ହଜାର କୋଟିରୁ ଅଧିକ ଜିଏସ୍‌ଟି ଆଦାୟ ହୋଇଛି । ସୂଚନା ଅନୁଯାୟୀ, କେନ୍ଦ୍ରୀୟ ଜି.ଏସ.ଟିରୁ ୩୫ ହଜାର ୨୦୪ କୋଟି ଟଙ୍କା, ରାଜ୍ୟ ଜି.ଏସ.ଟି ୪୩ ହଜାର ୭୦୪ କୋଟି, ସମନ୍ୱିତ ଜି.ଏସ.ଟି ୯୦ ହଜାର ୮୭୦ କୋଟି ଏବଂ କ୍ଷତିପୂରଣ ସେସ୍ ବାବଦରେ ୧୩ ହଜାର ୮୬୮ କୋଟି ଟଙ୍କା

ଆଦାୟ ହୋଇଛି । ଫେବୃଆରୀରେ ମୋଟ ୨୦ ହଜାର ୮୮୯ କୋଟି ଟଙ୍କା ଫେରସ୍ତ କରାଯାଇଛି। ଫେରସ୍ତରେ ରିହାତି ଦେବା ପରେ ଫେବୃଆରୀରେ ମୋଟ୍ ଜି.ଏସ.ଟି, ଆଦାୟ ୮ ଦଶମିକ ୧ ପ୍ରତିଶତକୁ ବୃଦ୍ଧି ପାଇ ପ୍ରାୟ ୧ ଲକ୍ଷ ୬୩ ହଜାର କୋଟି ଟଙ୍କାରେ ପହଞ୍ଚିଛି।

ମୋଟ୍ ଜି.ଏସ୍.ଟି. ଆଦାୟ ବାବଦରେ ଘରୋଇ ରାଜସ୍ୱ ୧୦ ଦଶମିକ ୨ ପ୍ରତିଶତ ବୃଦ୍ଧି ପାଇଁ ୧ ଲକ୍ଷ ୪୨ ହଜାର କୋଟି ଟଙ୍କା ଏବଂ ଆମଦାନୀ ରାଜସ୍ୱ ୫ ଦଶମିକ ୪ ପ୍ରତିଶତ ବୃଦ୍ଧି ପାଇଁ ୪୧ ହଜାର ୭୦୨ କୋଟି ଟଙ୍କାରେ ପହଞ୍ଚିଛି । ସୂଚନାଯୋଗ୍ୟ, ଗତବର୍ଷ ଫେବୃୟାରୀରେ ମୋଟ୍ ଜି.ଏସ୍.ଟି. ଆଦାୟ ୧ ଲକ୍ଷ ୬୮ ହଜାର କୋଟି ଟଙ୍କା ଥିଲା । ଗତ ଜାନୁୟାରୀ ଜି.ଏସ୍.ଟି. ଆଦାୟ ୧ ଲକ୍ଷ ୯୬ ହଜାର କୋଟି ଟଙ୍କା ଥିଲା, ଯାହାକି ୧୨ ଦଶମିକ ୩ ପ୍ରତିଶତ ଅଧିକ ।

## ଆଇ.ସି.ସି. ଚାମ୍ପିୟନ୍ସ ଟ୍ରଫି

ଆଇ.ସି.ସି. ଚାମ୍ପିୟନ୍ସ ଟ୍ରଫି କ୍ରିକେଟ୍ ପ୍ରତିଯୋଗିତାରେ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ଆଜି ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ମୁକାବିଲା ହେବ । ଦୁବାଇ ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମ୍‌ଠାରେ ଏହି ମ୍ୟାଚ୍ ଭାରତୀୟ ସମୟ ଅପରାହ୍ଣ ସାଢ଼େ ୨ଟାରେ ଆରମ୍ଭ ହେବ । ଉଭୟ ଦଳ ସେମିଫାଇନାଲ୍ ପର୍ଯ୍ୟାୟରେ

ପହଞ୍ଚି ସାରିଛନ୍ତି । ତେବେ ଗ୍ରୁପ୍ ପର୍ଯ୍ୟାୟ ତାଲିକାରେ ଶୀର୍ଷ ସ୍ଥାନ ହାସଲ କରିବାରେ ଉଭୟ ଦଳ ଚେଷ୍ଟା କହିବେ । ବିଜୟୀ ଦଳ ଆସନ୍ତା ମଙ୍ଗଳବାର ଦିନ ସେମିଫାଇନାଲ୍‌ରେ ଅଷ୍ଟ୍ରେଲିଆକୁ ଭେଟିବ ।

ଅନ୍ୟପକ୍ଷରେ ବୁଧବାର ଦିନ ଦକ୍ଷିଣ ଆଫ୍ରିକା ଏବଂ ଆଜି ମ୍ୟାଚ୍‌ରେ ହାରିଥିବା ଦଳ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ୍ ମୁକାବିଲା ହେବ ।

ଦକ୍ଷିଣ ଆଫ୍ରିକା ସେମିଫାଇନାଲ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । କରାଚିଠାରେ ଗତକାଲି ଖେଳାଯାଇଥିବା ମ୍ୟାଚ୍‌ରେ ଦକ୍ଷିଣ ଆପ୍ରିକା ଇଂଲଣ୍ଡକୁ ୭ ଓ୍ୱିକେଟ୍‌ରେ ପରାସ୍ତ କରିଛି । ଗ୍ରୁପ୍-ବି’ ପର୍ଯ୍ୟାୟ ତାଲିକାରେ ଦକ୍ଷିଣ ଆଫ୍ରିକା ଶୀର୍ଷ ସ୍ଥାନରେ ପହଞ୍ଚିଥିବାବେଳେ ଦ୍ୱିତୀୟ ସ୍ଥାନରେ ଅଷ୍ଟ୍ରେଲିଆ ରହିଛି ।

ଭାରତ, ନ୍ୟୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା ଏବଂ ଅଷ୍ଟ୍ରେଲିଆକୁ ନେଇ ଆଇ.ସି.ସି. ଚାମ୍ପିୟନ୍ସ ଟ୍ରଫି ସେମିଫାଇନାଲ୍ ଖେଳାଯିବ ।

ଗତକାଲିର ମ୍ୟାଚ୍‌ରେ ଇଂଲଣ୍ଡ ଟସ୍ ଜିତି  ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ତେବେ ଏହି ନିଷ୍ପତ୍ତି ଦଳ ପ୍ରତି ସହାୟକ ହୋଇ ନ ଥିଲା । ପ୍ରଥମରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଇଂଲଣ୍ଡ ୩୮ ଓଭର୍ ୩ଟି ବଲ୍‌ରେ ସମସ୍ତ ଓ୍ୱିକେଟ୍ ବିନିମୟରେ ୧୭୯ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା । ଦଳ ପକ୍ଷରୁ ଜୋ ରୁଟ୍ ସର୍ବାଧିକ ୩୭ ରନ୍ କରିଥିଲେ ।

୨୯ ଓଭର୍ ଗୋଟିଏ ବଲ୍‌ରେ ୩ ୱିକେଟ୍ ବିନିମୟରେ ଦକ୍ଷିଣ ଆଫ୍ରିକା ବିଜୟ ଲକ୍ଷ୍ୟ ହାସଲ କରିଥିଲା । ସୂଚନାଯୋଗ୍ୟ, ଇଂଲଣ୍ଡ ଏହି ଟୁର୍ଣ୍ଣାମେଣ୍ଟରେ ଖେଳିଥିବା ୩ଟିଯାକ ମ୍ୟାଚ୍‌ରେ ପରାସ୍ତ ହୋଇଥିଲା ।

## ଡବ୍ଲ୍ୟୁ.ପି.ଏଲ୍. କ୍ରିକେଟ୍

ମହିଳା ପ୍ରିମିୟର ଲିଗ୍ କ୍ରିକେଟ୍ ପ୍ରତିଯୋଗିତାର ଗତକାଲିର ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍‌ସ ବିଜୟୀ ହୋଇଛି । ବେଙ୍ଗାଲୁରୁର ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ଠାରେ ଗତକାଲି ଖେଳାଯାଇଥିବା ମ୍ୟାଚ୍‌ରେ ଦିଲ୍ଲୀ ୯ ୱିକେଟ୍‌ରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ପରାସ୍ତ କରିଛି । ଏହି ବିଜୟ ସହ ଦିଲ୍ଲୀ ପ୍ଲେ-ଅଫ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ବେଙ୍ଗାଲୁରୁ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର୍‌ରେ ୫ ୱିକେଟ୍ ବିନିମୟରେ ୧୪୭ ରନ୍ ସଂଗ୍ରହ କରିଥିଲା । ୧୪୮ ରନ୍‌ର ବିଜୟ ଲକ୍ଷ୍ୟକୁ ଦିଲ୍ଲୀ କ୍ୟାପିଟାଲ୍ସ ୧୫ ଓଭର ୩ଟି ବଲ୍‌ରେ ଗୋଟିଏ ୱିକେଟ୍ ବିନିମୟରେ ହାସଲ କରିପାରିଥିଲା । ଜେସ୍ ଜୋନାସନ୍ ଏବଂ ସେଫାଳୀ ବର୍ମା ଯୋଡ଼ିଙ୍କ ଦ୍ୱିତୀୟ ୱିକେଟ୍‌ରେ ୧୪୬ ରନ୍‌ର ଅପରାଜିତ ସ୍କୋର୍ ଦଳକୁ ସଫଳତା ପ୍ରଦାନ କରିଥିଲା । ସେଫାଳୀ ବର୍ମାଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି ।

*****